ପାଠ- ୨

# ରାଘବଙ୍କ ଲଙ୍କା ଯାତ୍ରାନୁକୂଳ

**STUDY NOTES**

## MIND MAP



## ସୃଜନାଭିମୁଖ୍ୟ :

ପିତାମହ ଧନଞ୍ଜୟ ଭଞ୍ଜଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ଉପେନ୍ଦ୍ର ଭଞ୍ଜ ସାହିତ୍ୟ ଚର୍ଚ୍ଚାରେ ମନୋନିବେଶ କରିଥିଲେ । ସେ ଥିଲେ କାବ୍ୟ-ସାହିତ୍ୟର ସର୍ବଶ୍ରେଷ୍ଠ ବିନ୍ଧାଣୀ । ବିଷୟ-ବିନ୍ୟାସ, ଶବ୍ଦଗୁମ୍ଫନ, ଅଳଙ୍କାର ପ୍ରୟୋଗ, ପ୍ରକୃତି ଚିତ୍ରଣ ଓ ନାୟକ ନାୟିକାଙ୍କ ରୂପ ବର୍ଣ୍ଣନାରେ ତାଙ୍କର ଅସାଧାରଣ କୃତିତ୍ୱ ଓ କବିତ୍ୱର ପରିଚୟ ସ୍ପଷ୍ଟ ପ୍ରତିଫଳିତ ।

## ବିଷୟ ପ୍ରବେଶ :

ରାମତାରକା ମନ୍ତ୍ରସିଦ୍ଧି, ପ୍ରଥିତଯଶା କବି ଉପେନ୍ଦ୍ର ଭଞ୍ଜଙ୍କ ସର୍ବଶ୍ରେଷ୍ଠ କାବ୍ୟ 'ବୈଦେହୀଶ ବିଳାସ' । ବୈଦେହୀ ଓ ତାଙ୍କର ଈଶ ବା ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଲୀଳାବିଳାସ ବର୍ଣ୍ଣିତ ଏକ ଅନନ୍ୟ ବିଦଗ୍ଧ ଗ୍ରନ୍ଥ । ବାଉନ ଛାନ୍ଦ ବିଶିଷ୍ଟ ଏହି ଗ୍ରନ୍ଥରେ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମରହସ୍ୟଠାରୁ ଆରମ୍ଭ କରି ସମ୍ପୂର୍ଣ୍ଣ ରାମାୟଣର କଥାବସ୍ତୁକୁ ପର୍ଯ୍ୟାୟକ୍ରମେ ଉପସ୍ଥାପନ କରିଛନ୍ତି କବି ।

ପଠିତ 'ରାଘବଙ୍କ ଲଙ୍କା ଯାତ୍ରାନୁକୂଳ' ଶୀର୍ଷକ କବିତାଟି କବିସମ୍ରାଟଙ୍କ ଚିନ୍ମୟ କାବ୍ୟ 'ବୈଦେହୀଶ ବିଳାସ' ର ଚତ୍ୱାରିଂଶ ଛନ୍ଦରୁ ନିର୍ବାଚିତ ପ୍ରଥମାଂଶ । 'ବ' ଆଦ୍ୟବର୍ଣ୍ଣ' ନିୟମରେ ରଚିତ ପଦ୍ୟଟି 'ଆଶାବରୀ' ରାଗରେ ପ୍ରତିବନ୍ଧିତ ।

ଲଙ୍କାର ରାଜା ଦଶାନନଙ୍କଦ୍ୱାରା ଅପହୃତା ସୀତାଙ୍କ ଅନ୍ୱେଷଣରେ ଘନ ଅରଣ୍ୟ ମଧ୍ୟରେ ବୁଲୁଥିଲାବେଳେ ଶ୍ରୀରାମ ଓ ଅନୁଜ ଲକ୍ଷ୍ମଣ ଆହତ ଜଟାୟୁଙ୍କୁ ଭେଟିଲେ । ସତୀ ସୀତାଙ୍କୁ ଲଙ୍କାପତି ରାବଣ ଅପହରଣ କରି ପୁଷ୍ପକ ବିମାନରେ ଲଙ୍କାପୁରୀ ନେଇଯାଇଥିବାର ସମ୍ବାଦ ସେମାନେ ତାହାଠାରୁ ଅବଗତ ହେଲେ । ଶ୍ରୀରାମ ସୁଗ୍ରୀବଙ୍କ ସହ ମିତ୍ରତା ସ୍ଥାପନ କରି କିଷ୍କିନ୍ଧ୍ୟାରେ ବାଳୀକୁ ବଧ କଲେ । ଶ୍ରୀରାମଙ୍କ ନିର୍ଦ୍ଦେଶମତେ କପିଶ୍ରେଷ୍ଠ ହନୁମାନ ଦୂତ ରୂପେ ସମୁଦ୍ର ଲଙ୍ଘନ କରି ରାବଣପୁରୀ ଲଙ୍କାଗଡରେ ମା' ଜାନକୀଙ୍କୁ ଠାବ କଲେ ଓ ତାଙ୍କଠାରୁ ରତ୍ନହାର ଆଣି ରାମଚନ୍ଦ୍ରଙ୍କୁ ଦେଇ ତାଙ୍କ ମନରେ ଲଙ୍କାପୁରୀରେ ସୀତାଙ୍କ ଅବସ୍ଥାନ ସମ୍ପର୍କିତ ସନ୍ଦେହ ମୋଚନ କରାଇଲେ । ପରେ ପରେ ଲଙ୍କାପତି ରାବଣର ଅନୁଜ ବିଭୀଷଣ ଶ୍ରୀରାମଙ୍କୁ ସାକ୍ଷାତ୍ କରି ତାଙ୍କର ଶରଣାପନ୍ନ ହେଲା ଏବଂ ଲଙ୍କାପୁରୀ ସଂପର୍କରେ ବହୁ ତଥ୍ୟ ତାଙ୍କୁ ଅବଗତ କରାଇଲା । ଶ୍ରୀରାମ ଲକ୍ଷ୍ମଣଙ୍କ ସହ କିଷ୍କିନ୍ଧ୍ୟାରାଜ ସୁଗ୍ରୀବ, କପିବର ହନୁମାନ, ବାଳୀପୁତ୍ର ଅଙ୍ଗଦ, ନଳ, ନୀଳଙ୍କ ସମେତ ସମସ୍ତ ବାନର ସୈନ୍ୟ ଓ ଜାମ୍ବବାନଙ୍କ ନେତୃତ୍ୱରେ ଭଲ୍ଲୁକ ସୈନ୍ୟମାନେ ଲଙ୍କାଭିଯାନ ପାଇଁ ପ୍ରସ୍ତୁତ ହୋଇ ସମୁଦ୍ର ତଟରେ ଉପସ୍ଥିତ ହେଲେ ।